**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**13 October– 2026**

# ନୂତନ ରାଜ୍ୟପାଳ

ଝାଡ଼ଖଣ୍ଡର ପୂର୍ବତନ ସାଂସଦ ବ୍ରଜମୋହନ ରାମଙ୍କୁ ଓଡ଼ିଶାର ୨୯ତମ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି । ଶ୍ରୀ ରାମ ବର୍ତ୍ତମାନର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କ ସ୍ଥାନରେ କାର୍ଯ୍ୟ କରିବେ । ରାଷ୍ଟ୍ରପତି ଭବନରୁ ୬ଟି ରାଜ୍ୟର ରାଜ୍ୟପାଳ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । କେରଳମ୍‌ର ରାଜ୍ୟପାଳ ବିଶ୍ୱନାଥ ଆରଲେକରଙ୍କୁ ତାମିଲନାଡୁ ଓ ସିକ୍କିମ ରାଜ୍ୟପାଳ ଓମ୍‌ପ୍ରକାଶ ମାଥୁରଙ୍କୁ କେରଳମ୍ ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବାବେଳେ ସୁଧା ଯାଦବଙ୍କୁ କର୍ଣ୍ଣାଟକ, ଧଲ ସିଂ ବିଶେନଙ୍କୁ ଉତ୍ତରାଖଣ୍ଡ ଓ ଦୁଶ୍ୟନ୍ତ ଗୌତମଙ୍କୁ ସିକ୍କିମର ନୂତନ ରାଜ୍ୟପାଳ ନିଯୁକ୍ତି ମିଳିଛି ।

# ମୁଖ୍ୟମନ୍ତ୍ରୀ ସମୀକ୍ଷା ବୈଠକ

ପୁରୀକୁ ଏକ ବିଶ୍ୱସ୍ତରୀୟ ଐତିହ୍ୟ ଓ ପର୍ଯ୍ୟଟନ ସହର ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦର ନିର୍ମାଣ କାର୍ଯ୍ୟ, ରଘୁନନ୍ଦନ ପାଠାଗାରର ପୁନଃନିର୍ମାଣ ଓ ଶ୍ରୀଜଗନ୍ନାଥ ଇଣ୍ଟର

ପିଟେସନ କେନ୍ଦ୍ର ସ୍ଥାପନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବଡଦାଣ୍ଡରୁ ହଟାଯାଇଥିବା ଉଠା ଦୋକାନୀମାନଙ୍କୁ ଶ୍ରୀ ସେତୁ ନିକଟରେ ଥଇଥାନ କରିବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ସାକ୍ଷୀ ଗୋପାଳର ଗୋପାଳଜୀଉ ମନ୍ଦିର, ଅତିବଡି ଜଗନ୍ନାଥ ଦାସଙ୍କ ସାତଲହଡି ମଠ ଏବଂ ପୁରୀର ବିଭିନ୍ନ ପ୍ରସିଦ୍ଧ ମଠର ସୌନ୍ଦର୍ଯ୍ୟକରଣ ଓ ରାସ୍ତା ସଂଯୋଗୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ରାଜ୍ୟସ୍ତରୀୟ ସେବା ସଂକଳ୍ପ ଅଭିଯାନ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବ୍ୟାପକ ଅଂଶଗ୍ରହଣକୁ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରଶଂସା କରିଛନ୍ତି । ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ରାଜ୍ୟର ୪୮ହଜାରରୁ ଅଧିକ ବିଦ୍ୟାଳୟରେ ସେବାସଂକଳ୍ପ ଅଭିଯାନ ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ୧୮୦ଜଣ ଚୟନୀତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶ୍ରେଷ୍ଠ ୧୮ଜଣଙ୍କୁ ପୁରସ୍କୃତ କରାଯାଇଛି ।

ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକର ପୂଜାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଅଭିଯାନ ଅଧୀନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।

# ଶ୍ରୀମନ୍ଦିର ପ୍ଲାଷ୍ଟିକମୁକ୍ତ-ଧର୍ମେନ୍ଦ୍ର ପ୍ରଧାନ

ପୁରୀ ଶ୍ରୀମନ୍ଦିର ପରିସରକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଛନ୍ତି । ଗତକାଲି ଶ୍ରୀମନ୍ଦିର ପ୍ରତିହାରୀ ନିଯୋଗ ଦ୍ୱାରା ଆୟୋଜିତ ସମର୍ପଣ-ସେବା ଓ ସେବକ ସମ୍ମାନ ୨୦୨୬ରେ ଯୋଗଦେବା ଅବସରରେ ସାଂସଦ ଶ୍ରୀ ପ୍ରଧାନ କହିଛନ୍ତି ବଡଦାଣ୍ଡ ଓ ଶ୍ରୀମନ୍ଦିରକୁ ପ୍ଲାଷ୍ଟିକମୁକ୍ତ କରିବା ଲାଗି ସମସ୍ତଙ୍କୁ ମିଳିତଭାବେ କାର୍ଯ୍ୟ କରିବାକୁ ପଡିବ । ଜ୍ଞାନ ଭାରତମ୍ ଯୋଜନା ଅଧୀନରେ ଶ୍ରୀମନ୍ଦିର ସହ ସମ୍ପର୍କିତ ପୁରାତନ ପୋଥି ଓ ଗ୍ରନ୍ଥର ଡିଜିଟାଇଜେସନ ଜରିଆରେ ସଂରକ୍ଷଣ କରିବା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି ।

# ସମୀକ୍ଷା

କେନ୍ଦ୍ର ସରକାରଙ୍କ ଆର୍ଥିକ ସେବା ବିଭାଗର ଯୁଗ୍ମସଚିବ ତଥା ଢେଙ୍କାନାଳ ଜିଲ୍ଲାର କେନ୍ଦ୍ରୀୟ ପ୍ରଭାରୀ ଶାଳିନୀ ପଣ୍ଡିତ ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଛନ୍ତି । ଜିଲ୍ଲାର ଗୋବିନ୍ଦପୁରସ୍ଥିତ ମ୍ୟାଙ୍ଗୋ ହବ୍ କେନ୍ଦ୍ର, ମହର୍ଷି ଦୟାନନ୍ଦ ସେବାମିଶନ, ଶକ୍ତିସଦନ ଓ ଜୀବନଜ୍ୟୋତି ଭୌତିକ ଭିନ୍ନକ୍ଷମ ବିଦ୍ୟାଳୟ ଏବଂ

ଅନ୍ୟାନ୍ୟ କେନ୍ଦ୍ର ପରିଦର୍ଶନ କରି ନୀତି ଆୟୋଗଙ୍କ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ ।

## ତୀର୍ଥଯାତ୍ରା ଯୋଜନା

କେନ୍ଦୁଝର ଜିଲ୍ଲାର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ୧୪୦ଜଣ ବରିଷ୍ଠ ନାଗରିକ ବାରାଣସୀ ଏବଂ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଛନ୍ତି । ଏହି ୭ ଦିନିଆ ଯାତ୍ରାକାଳରେ ତୀର୍ଥଯାତ୍ରୀଙ୍କ ସୁରକ୍ଷା ତଥା ସୁପରିଚାଳନା ନିମନ୍ତେ ଜଣେ ସହଯୋଗୀ ଅଧିକାରୀ ସେମାନଙ୍କ ସହ ଯାତ୍ରା କରିଛନ୍ତି ।

## ନବରାତ୍ର ପୂଜା

ନୂଆପଡା ଜିଲ୍ଲାରେ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ନବରାତ୍ର ପୂଜା ଅନୁଷ୍ଠିତ ହୋଇଯାଇଛି । ୧୯୫୪ ମସିହାରୁ ଆରମ୍ଭ ହୋଇଥିବା ନବରାତ୍ର ପୂଜା ସମୟରେ ଜଗଜ୍ଜନନୀ ମା’ ଦୁର୍ଗାଙ୍କୁ ସ୍ୱର୍ଣ୍ଣ ଏବଂ ରୌପ୍ୟ ଅଳଙ୍କାରରେ ସଜ୍ଜିତ କରିବାର ପରମ୍ପରା ରହିଛି ।

## ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ

ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ ପାଳନ କରାଯାଉଛି । ବିପର୍ଯ୍ୟୟ ସଂପର୍କିତ

ସମସ୍ୟାକୁ ରୋକିବା ଏବଂ ଏହାର ମୁକାବିଲା ପାଇଁ ୧୯୮୯ ମସିହାରେ ସଂଯୁକ୍ତ ରାଷ୍ଟ୍ର ମହାସଭା ପକ୍ଷରୁ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି **ପରିବାରରୁ ପ୍ରସ୍ତୁତି ଆରମ୍ଭ ।**

# ପାର୍କ ଉନ୍ନତିକରଣ

ଅମୃତ ସରୋବର ଯୋଜନାରେ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ଗ୍ରାମରେ ଥିବା ପାର୍କର ଉନ୍ନତିକରଣ ଲାଗି ନିଷ୍ପତ୍ତି ହୋଇଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶନ କରି ପାର୍କର ସୌନ୍ଦର୍ଯ୍ୟକରଣ ସହ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି ।

# କ୍ରୀଡ଼ା ପ୍ରତିଯୋଗିତା

ବଲାଙ୍ଗିର ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମରେ ରାଜ୍ୟସ୍ତରୀୟ ୭୦ତମ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି । ୪ ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୬୦୦ଜଣ ଛାତ୍ରଛାତ୍ରୀ ବ୍ୟାଡମିଣ୍ଟନ, ଫେନସିଙ୍ଗ, ଥାଙ୍ଗଟା ଏବଂ କ୍ରିକେଟ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି ।

# ଫୁଟବଲ ଚାମ୍ପିୟନସିପ୍

ସୁବର୍ଣ୍ଣପୁରର ଗାନ୍ଧୀ ଷ୍ଟାଡିୟମରେ ଆଜିଠାରୁ ୧୪ବର୍ଷରୁ କମ୍ ବାଳକ ଫୁଟବଲ ଚମ୍ପିଆନ୍‌ସିପ୍ ଆରମ୍ଭ ହେବ । ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାରୁ ୩୦ଟି ଦଳ ଅଂଶଗ୍ରହଣ କରିବେ । ଆଜି ଅପରାହ୍ଣରେ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ଏହି ପ୍ରତିଯୋଗିତାର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।